# ପୋଲିସ କମିଶନରେଟ

# ଭୁବନେଶ୍ୱର-କଟକ

# ଭୁବନେଶ୍ୱର

---

## ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର ଦୀପାବଳୀ ସମୟରେ ସୁରକ୍ଷା ପାଇଁ ନିର୍ଦ୍ଦେଶାବଳୀ

୧. ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ମୁତାବକ ବାଣ ଫୁଟାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ସନ୍ଧ୍ୟା ୮ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଦୀପାବଳୀ ସମୟରେ ନିର୍ଦ୍ଦେଶ ଅଛି ।

୨. ଲାଇସେନ୍ସ ପ୍ରାପ୍ତ ବିକ୍ରେତାଙ୍କ ନିକଟରୁ ଆତସବାଜୀ କିଣନ୍ତୁ ।

୩. ପିଲାମାନଙ୍କୁ ଏକୁଟିଆ ବାଣ ଫୁଟାଇବା ପାଇଁ ନ ଦେଇ ନିଜ ତତ୍ତ୍ୱାବଧାନରେ ଫୁଟାନ୍ତୁ ।

୪. ୧୨୫ ଡେସିବଲରୁ ଅଧିକ ଶବ୍ଦ କରୁଥିବା ବାଣ ଫୁଟାନ୍ତୁ ନାହିଁ ।

୫. ଶିଲ୍କ, ରେଶମ ଓ ପଶମ ବସ୍ତ୍ର ପିନ୍ଧି ବାଣ ଫୁଟାନ୍ତୁ ନାହିଁ ।

୬. ସାମୁହିକ ବାଣ ଫୁଟା ଜନବସତି ଠାରୁ ଉପଯୁକ୍ତ ଦୂରତାରେ ପ୍ରାକ-ନିର୍ଦ୍ଧାରିତ ଅଞ୍ଚଳ/ଖୋଲା ପଡିଆରେ ସଂଗଠନ କରାଯିବ ନିମନ୍ତେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ପରାମର୍ଶ କରିଅଛନ୍ତି ।

୭. ଚାଇନା ବାଣ ମାଳ ଅବସ୍ଥାରେ ଫୁଟାଇବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ।

୮. ବାଣ ଫୁଟାଇବା ସମୟରେ ଆଶୁ ଚିକିତ୍ସା ବାକ୍ସ ପାଖରେ ରଖନ୍ତୁ ।

୯. ବାଣ ଫୁଟାଇବା ପରେ ଅବଶେଷ ଗୁଡିକ ପାଣିରେ ବୁଡାଇ ଦିଅନ୍ତୁ ।

୧୦. ବାଣକୁ ହାତରେ ଧରି ଫୁଟାନ୍ତୁ ନାହିଁ, ପ୍ରଥେମେ ଅଗ୍ନି ସଂଯୋଗ କରି ନିରାପଦ ଦୂରତାରେ ରହନ୍ତୁ ।

୧୧. ନିସ୍ତବଧିତା ସ୍ଥାନ ଯଥା- ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନ ଯଥା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିସ୍ତବଧିତା ସ୍ଥାନ ନିରୂପଣ ଜାଗାର ୧୦୦ ମିଟର ଦୂରତା ଭିତରେ ବାଣ ଫୁଟାଇବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଅଛି ।

୧୨. ନିରୀହ ପଶୁଙ୍କ କ୍ଷେତ୍ରରେ ଆତସବାଜୀ ପ୍ରୟୋଗ କରନ୍ତୁ ନାହିଁ ।

୧୩. ଜରୁରୀ ପରିସ୍ଥିତି ଉପୁଜିଲେ ପୋଲିସ କଣ୍ଟ୍ରୋଲ ରୁମ (୧୦୦ ) କିମ୍ବା ଦମକଳ କେନ୍ଦ୍ର (୧୦୧ ) କୁ ସାହାଯ୍ୟ ପାଇଁ ଫୋନ କରନ୍ତୁ ।

କମିଶନରେଟ ପୁଲିସ, ଭୁବନେଶ୍ୱର-କଟକ ଆପଣଙ୍କୁ ଦୀପାବଳୀ ପାଇଁ ଶୁଭକାମନା କରୁଅଛି ।

(ସ୍ୱାକ୍ଷର)

ଜନସମ୍ପର୍କ ଅଧିକାରୀ,
ପୁଲିସ କମିଶନରେଟ,
ଭୁବନେଶ୍ୱରକଟକ-

---

ଯୋଗାଯୋଗ- ବିଦ୍ୟୁତ ମାର୍ଗ, ଭୁବନେଶ୍ୱର, ପିନ – ୭୫୧୦୦୧
ଦୁରଭାଷ – ୦୬୭୪-୨୫୩୦୦୩୫/ ଫାକ୍ସ- ୦୬୭୪-୨୫୩୦୦୦୧